# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15th November - 2024**

**News Editor : *Itishree Singh Rathaur***

*************************************

## ମୁଖ୍ୟ ସମ୍ବାଦ

- ଜନଜାତି ସମ୍ପ୍ରଦାୟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ଉପରେ ସରକାର ପ୍ରାଥମିକତା ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ଜନଜାତୀୟ ଗୌରବ ଦିବସ ଅବସରରେ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହର କଲେ ଶୁଭାରମ୍ଭ

- ଜନଜାତିଙ୍କ କଲ୍ୟାଣ ପାଇଁ ୧ ହଜାର ୫୩୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- କଟକରେ ଆରମ୍ଭ ହେଲା ଐତିହାସିକ ବାଲିଯାତ୍ରା

ଏବଂ

- ରଣଜୀ ଟ୍ରଫିରେ ମହାରାଷ୍ଟ୍ର ବିପକ୍ଷରେ ୩ ୱିକେଟରେ ବିଜୟ ହାସଲ କଲା ଓଡ଼ିଶା

*Desk*

# ପିଏମ୍-ଜନଜାତୀୟ ଗୌରବ ଦିବସ

ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ଆଜି ଦେଶବ୍ୟାପୀ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି ।

ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଜାମୁଇ ଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜନଜାତି ସମ୍ପ୍ରଦାୟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସରକାର ଜନଜାତି ସମ୍ପ୍ରଦାୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିଛନ୍ତି। ଦେଶରୁ ରକ୍ତଶିକୁଳି ରୋଗର ମୂଳୋତ୍ପାଟନ ପାଇଁ ପ୍ରୟାସ ଜାରି ରହିଛି। ଏହାସହ ଶିକ୍ଷାର ବିକାଶ ପାଇଁ ଦେଶବ୍ୟାପୀ ୭୦୦ ଏକଲବ୍ୟ ବିଦ୍ୟାଳୟ ଏବଂ ଜନଜାତି ଅନୁସନ୍ଧାନ କେନ୍ଦ୍ର ଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କରାଯାଇଛି। ଶ୍ରୀ ମୋଦୀ କହିଛନ୍ତି, ଜନଜାତି ସମ୍ପ୍ରଦାୟର ଉନ୍ନତି ପାଇଁ ପିଏମ୍ ଜନମନ ଏବଂ ଧର୍ତି ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଧର୍ତି ଆବା ଯୋଜନା ଅଧୀନରେ ଜନଜାତି ଗ୍ରାମଗୁଡ଼ିକର ବିକାଶ ପାଇଁ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ

ପ୍ରଧାନମନ୍ତ୍ରୀ ଜନଜାତି ସଂପ୍ରଦାୟଙ୍କ ବିକାଶ ତଥା ଦୁର୍ଗମ ଅଞ୍ଚଳରେ ଭିତ୍ତିଭୂମି ଉନ୍ନତି ଲାଗି ୬ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର କେତେକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନାର୍ଥେ ଏକ ସ୍ମାରକ ମୁଦ୍ରା ଏବଂ ଡାକଟିକଟ ମଧ୍ୟ ଉନ୍ମୋଚନ କରିଛନ୍ତି ।

***I&PR***

## ମୁଖ୍ୟମନ୍ତ୍ରୀ- ଜନଜାତୀୟ ଦିବସ

ଆଦିବାସୀମାନଙ୍କ ଉନ୍ନତି ପାଇଁ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେମାନଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ନିଆଯାଉଛି। ଧର୍‌ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ କେନ୍ଦ୍ର ସରକାର ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ, ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂର କରି ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ କରୁଛନ୍ତି। ରାଜ୍ୟର ୨୭ଟି ଜିଲ୍ଲାର ୭ହଜାର ୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ପେଶା ଆଇନ କାର୍ଯ୍ୟକରିବା ତଥା ଗ୍ରାମସଭାଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନଜାତିଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଆଜି ୧ ହଜାର ୫୩୫

କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିଭଳି ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଥିଲେ।

***Keonjhar/Samabalpur***

## ଜିଲ୍ଲା- ଜନଜାତୀୟ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜ ପଡ଼ିଆରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କେନ୍ଦୁଝର ଜିଲ୍ଲା ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ। ଏହି ଅବସରରେ ସେ ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ବୌଦ୍ଧ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା।

***I&PR***

## ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୧୮ ତାରିଖ ଏବଂ ୨୫ ତାରିଖ ସୋମବାର ଦିନ ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ

ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଦିନ ମାନଙ୍କରେ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି ହେବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ବାଲିଯାତ୍ରା

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ଉତ୍କଳର ଐତିହ୍ୟ ସଂପନ୍ନ ନୌବାଣିଜ୍ୟ ପରମ୍ପରାର ସ୍ମୃତିରେ କଟକଠାରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ । ବାଲିଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ୨୫ ଶହରୁ ଅଧିକ ଛୋଟବଡ଼ ଷ୍ଟଲ୍ ସ୍ଥାନ ପାଇଛି ।

***Puri***

## କାର୍ତ୍ତିକ ଓ ବାଲିଯାତ୍ରା

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନେ ରତ୍ନସିଂହାସନରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ବିଭିନ୍ନ ରତ୍ନଅଳଙ୍କାର, ପାଟବସ୍ତ୍ରରେ ସଜ୍ଜିତ କରିଥିଲେ । ସୁନାବେଶରେ ଠାକୁର ମାନେ ଶ୍ରୀଭୁଜ,

କିରିଟ, ଶ୍ରୀପୟର, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଚିତା ଆଦି ବିଭିନ୍ନ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇଥିଲେ। ଶ୍ରୀଜୀଉଙ୍କର ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି । ସେହିପରି ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତ ଗୋପାଳଜୀଉ ମନ୍ଦିରରେ ପ୍ରଭୁ ସାକ୍ଷୀଗୋପୀନାଥ ଭକ୍ତଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି।

ସେହିପରି କଟକର ଧବଳେଶ୍ୱର ପୀଠରେ ବାବା ଶ୍ରଦ୍ଧାଳୁମାନଙ୍କୁ ଯୋଗୀବେଶରେ ଦର୍ଶନ ଦେଉଛନ୍ତି।

***Kendrapara/BHK/Desk/Gajapati***

## ବୋଇତ ବନ୍ଦାଣ ଉତ୍ସବ

ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ସ୍ମୃତିରେ ଆଜି ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାତଃରୁ ବିଭିନ୍ନ ଜଳାଶୟରେ ଲୋକମାନେ ଡଙ୍ଗା ଭସାଇଛନ୍ତି।

ପାରାଦ୍ୱୀପଠାରେ ବୋଇତ ବନ୍ଦାଣ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଅଢ଼େଇ ହଜାର ବର୍ଷ ପୁରୁଣା ବୋଲି ଅଭିହିତ କରିଥିଲେ।

ଭଦ୍ରକ ଜିଲ୍ଲାର ଧାମରାଠାରେ ବୋଇତ ବନ୍ଦାଣ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ଏହି ଅବସରରେ

ଶ୍ରୀମତୀ ପରିଡ଼ା ଓଡ଼ିଆ ସାଧବ ପୁଅଙ୍କ ଦକ୍ଷିଣ ପୂର୍ବ ଏସୀୟ ଦେଶ ସମୂହରେ ବାଣିଜ୍ୟ କରିବାର ସମୃଦ୍ଧ ଇତିହାସ ରହିଛି ବୋଲି କହିଥିଲେ।

ରାଜଧାନୀ ଭୁବନେଶ୍ୱରର ବିନ୍ଦୁସାଗର ପୁଷ୍କରିଣୀରେ ଡଙ୍ଗାଭସାଣ ଅନୁଷ୍ଠିତ ହୋଇଥିଲା। ସେହିଭଳି କୁଆଖାଇ ଓ ଦୟାନଦୀ ସମେତ ବିଭିନ୍ନ ଜଳାଶୟ ଓ ପୁଷ୍କରିଣୀମାନଙ୍କରେ ଲୋକମାନେ ପ୍ରାତଃ ସମୟରେ ଡଙ୍ଗା ଭସାଇବା ପାଇଁ ଭିଡ଼ ଜମାଇଥିଲେ।

ଡଙ୍ଗା ଭସାଣ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳାଶୟରେ ବୁଡ଼ି ୫ ଜଣଙ୍କର ମୃତ୍ୟୁ ହୋଇଛି। କଟକ, ବାଲେଶ୍ୱର ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି।

***Puri***

## ଶ୍ରୀମନ୍ଦିର- ପ୍ରବେଶ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଶ୍ରଦ୍ଧାଳୁ ଚାରିଦ୍ୱାର ଦେଇ ପୂର୍ବଭଳି ପ୍ରବେଶ କରିପାରିବେ। ମାତ୍ର ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନିଦ୍ୱାର ବାଟେ ପ୍ରସ୍ଥାନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ସେବାୟତ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ। ସେହିଭଳି ନାଟମଣ୍ଡପଠାରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ନେଇ ବିଚାରବିମର୍ଶ କରାଯାଉଥିବା ବେଳେ ପରିଚାଳନା କମିଟିର ଅନୁମୋଦନ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

*Desk*

# ଗୁରୁ ନାନକ ଜୟନ୍ତୀ

ଶିଖ୍ ଧର୍ମଗୁରୁ ଏବଂ ଶିଖ୍ ଧର୍ମର ପ୍ରବର୍ତ୍ତକ ଆଦିଗୁରୁ– ଗୁରୁନାନକ ଦେବଙ୍କ ୫ଶହ ୫୫ତମ ଜୟନ୍ତୀକୁ ଆଜି ଦେଶରେ ଗୁରୁପର୍ବ ଭାବେ ପାଳନ କରାଯାଉଛି । ତାଙ୍କର ଜୟନ୍ତୀ ଅବସରରେ ଆଜି ଅମ୍ରିତସର ସ୍ୱର୍ଣ୍ଣମନ୍ଦିର ସହିତ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ଥିବା ଗୁରୁଦ୍ୱାର ଗୁଡ଼ିକରେ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଛି ।

*Desk*

# ଉତ୍ତମ ଥାନା

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଚଳିତ ବର୍ଷ ପାଇଁ ଘୋଷଣା ହୋଇଥିବା ତିନୋଟି ଉତ୍ତମ ଥାନା ମଧ୍ୟରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ସ୍ଥାନ ପାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ପୁଲିସ ମହାନିର୍ଦ୍ଦେଶକମାନଙ୍କ ସମ୍ମିଳନୀ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଥାନାର ବରିଷ୍ଠ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ଜଣାପଡ଼ିଛି ।

*Ganjam*

# ହାତୀ ଗଣନା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଆଜିଠାରୁ ହାତୀଗଣନା ଆରମ୍ଭ ହୋଇଛି । ବନଖଣ୍ଡ ଅଧୀନସ୍ଥ ଖଲ୍ଲିକୋଟ, ଦିଗପହଣ୍ଡି ଓ ବ୍ରହ୍ମପୁର

ବନାଞ୍ଚଳରେ ହାତଗଣନା ପାଇଁ ୮ଟି ଟିମ୍ ଗଠନ କରାଯାଇଛି । ୩୦ ଜଣ କର୍ମଚାରୀ ନିୟୋଜିତ ରହି ହାତୀମାନଙ୍କର ଗତିବିଧି, ଫଟୋ ଓ ଭିଡିଓ ସଂଗ୍ରହ କରି ତିନିଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ସୂଚନା ଅନୁସାରେ, ଗତଥରର ଗଣନା ଅନୁସାରେ ବନଖଣ୍ଡରେ ୨ଟି ଦନ୍ତା ଓ ୮ଟି ମାଈ ହାତୀ ଥିଲେ ।

***I&PR***

## ବ୍ୟାଣ୍ଡ ପ୍ରତିଯୋଗିତା

ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

***Desk***

## କ୍ରିକେଟ

କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ୩ ୱିକେଟରେ ବିଜୟ ହାସଲ କରିଛି ।  ଚଳିତ ରଣଜୀ ସିଜିନ୍‌ରେ ଓଡ଼ିଶାର ଏହା ପ୍ରଥମ ବିଜୟ । ବର୍ତ୍ତମାନ ସୁଦ୍ଧା ଓଡ଼ିଶା ୫ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଦୁଇଟି ପରାଜୟ ସହ ୧୦ ପଏଣ୍ଟ ପାଇ ଗ୍ରୁପ୍-ଏ'ର ଷଷ୍ଠ ସ୍ଥାନରେ ରହିଛି । ପରବର୍ତ୍ତୀ ମ୍ୟାଚ୍‌ରେ ମେଘାଳୟକୁ ଭେଟିବ ଓଡ଼ିଶା ।